# ଖର୍ଚ୍ଚ ବିବରଣୀ ଉପରେ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱାରୋପ



ନିର୍ବାଚନୀ ଖର୍ଚ୍ଚ ବିବରଣୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କ ସହ ରାଜନୈତିକ ଦଳର ଏଜେଣ୍ଟମାନେ।

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ନିର୍ବାଚନୀ ଖର୍ଚ୍ଚ ବିବରଣୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ କାର୍ତ୍ତିକେୟନ ପାଣ୍ଡି, ଧନିକା ଶର୍ମା ଯୋଗଦେଇ ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ଏଜେଣ୍ଟମାନେ କିଭଳି ସମସ୍ତ ନିର୍ବାଚନୀ ଖର୍ଚ୍ଚ ରେକର୍ଡ କରି ରଖିବେ, ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ। ପ୍ରାର୍ଥିପତ୍ର ଦାଖଲ ଦିନଠାରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଯେପରି ସମସ୍ତ ଟିକନିକ୍ ଖର୍ଚ୍ଚ ରେକର୍ଡ କରିବେ, ସେ ସମ୍ପର୍କରେ ବୁଝାଇଥିଲେ। ଦୈନିକ ଖର୍ଚ୍ଚ, ଟଙ୍କା ନେଣଦେଣ ଏବଂ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କିଭଳି ଖର୍ଚ୍ଚ ରେକର୍ଡ କରିବେ, ସେ ବିଷୟରେ ମଧ୍ୟ ବୁଝାଇଥିଲେ। ଯାହା ଫଳରେ ପ୍ରାର୍ଥୀମାନେ ଆଗାମୀ ଦିନରେ ଖର୍ଚ୍ଚ ବିବରଣୀ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଲୋକ ସଭାର ପ୍ରତ୍ୟେକ ପ୍ରାର୍ଥୀ ୯୫ ଲକ୍ଷ ଓ ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ଧାର୍ଯ୍ୟ ଥିବାରୁ କୌଣସି ପ୍ରକାର ଲୁକାୟିତ ଖର୍ଚ୍ଚ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ନିର୍ବାଚନୀ ଖର୍ଚ୍ଚ କମିଟିର ଜିଲାସ୍ତରୀୟ ନୋଡାଲ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ଏଜେଣ୍ଟମାନେ ଉପସ୍ଥିତ ଥିଲେ।

## ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ସହର ନୂଆପୋଖରୀ ନିକଟରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଇନ୍‌ଡୋର ହଲ୍ ଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଆୟୋଜିତ ହୋଇଯାଇଛି। କିମ୍ସ ହସ୍ପିଟାଲ ଶିଶୁ ବିଭାଗର ଡାକ୍ତର ଡା. ଅରୁଣ କୁମାର ଦାସ୍‌ଙ୍କ ସହଯୋଗରେ ପ୍ରାୟ ୧୦୦ରୁ ଅଧିକ କୁନି କୁନି ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା। ଏହି ଶିବିର ଲାଇଫ୍ ଲାଇନ୍ ମେଡିସିନ୍ ଷ୍ଟୋର୍‌ର ସାହାଯ୍ୟରେ କରାଯିବା ସହ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା। ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଦୀପକ କୁମାର ଦଳେଇ, ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ୍ ରଞ୍ଜନ ଶତପଥୀ ଏବଂ କୋଷାଧ୍ୟକ୍ଷ ରଶ୍ମି ପ୍ରକାଶ ପଟ୍ଟନାୟକଙ୍କ ସମେତ ଅନିଲ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ଶାରଦା ପ୍ରସନ୍ନ ହୋତା, ଧର୍ମେନ୍ଦ୍ର ମହାପାତ୍ର, ଅସୀମ ଦାସ, ଶୁଭ୍ରାଂଶୁ ଦଳେଇ, ମାନଭଞ୍ଜନ ବିଶ୍ୱାଳ, ପ୍ରଦୀପ ମିଶ୍ର, ଉଦୟଭାନୁ ସିଂହ, ମୁକେଶ ସିଂହ, ବିଶ୍ୱଜିତ ସାହୁ, ପ୍ରିୟବ୍ରତ ପ୍ରଧାନ, ମାନସ ମଲ୍ଲିକ, ପ୍ରମୋଦ ସିଂହ ଏବଂ ତାରିଣୀ ପ୍ରସାଦ ମାଝି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଡିପିଜେପିର ଗହଣା ସମ୍ଭାର

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଅକ୍ଷୟ ତୃତୀୟା ଉପଲକ୍ଷେ ଢେଙ୍କାନାଳ ଜବାହାରସ୍ଥିତ ଡିପିଜେପି ଜୁଏଲେରିରେ ଗହଣାର ବୃହତ୍ ସମ୍ଭାର ହୋଇଛି। ଜିଲାର ସର୍ବବୃହତ୍ ସୁନା ଗହଣା ଶୋ'ରୁମ ଡିପିଜେପିରେ ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବିଆଇଏସ୍-୯୧୬ ଏଚ୍‌ୟୁଆଇଡି ହଲମାର୍କର ଅତ୍ୟାଧୁନିକ ସୁନା ଗହଣା ଡିଜାଇନ ରହିଛି। ସବୁଠାରୁ କମ୍ ସୁନାଦର, ସର୍ବନିମ୍ନ ଗଢ଼ାମଜୁରି ସହିତ ସମସ୍ତ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ଯୋଜନା ରହିଛି। ଗ୍ରାହକମାନଙ୍କୁ ପୁରୁଣା ସୁନା ବଦଳରେ ତାର ଉପଯୁକ୍ତ ମୂଲ୍ୟ ମଧ୍ୟ ଦିଆଯିବା ସହ ଆଗକୁ ବିବାହ ଋତୁ ଥିବାରୁ ଗ୍ରାହକମାନେ ଏସବୁର ଲାଭପ୍ରାପ୍ତ ହୋଇପାରିବେ ବୋଲି ଡିପିଜେପି ଜୁଏଲାରୀ ପରିବାର ପକ୍ଷରୁ କୁହାଯିବା ସହ ଗ୍ରାହକଙ୍କ ସେବାରେ ସର୍ବଦା ସଂକଳ୍ପବଦ୍ଧ ବୋଲି ସୂଚନା ଦିଆଯାଇଛି।

## ଭଗବଦ୍ ଗୀତା ଜ୍ଞାନ ଯଜ୍ଞ ଉଦ୍‌ଯାପିତ

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ଦଧିବାମନ ଜୀଉ ମନ୍ଦିର ପରିସରସ୍ଥ ଭାଗବତ ମଣ୍ଡପଠାରେ ଚଳିତବର୍ଷ ଶ୍ରୀମଦ୍ ଭାଗବତ ପରିଷଦ ଆନୁକୂଲ୍ୟରେ ଭଗବଦ୍ ଗୀତାଜ୍ଞାନ ଯଜ୍ଞ ଗୁରୁବାର ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ସନ୍ଧ୍ୟା ୭ ଟାରୁ ଆରମ୍ଭ କରି ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଭୁବନେଶ୍ୱର ଗୀତା ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଜୀ ଗୀତାଜ୍ଞାନ ପ୍ରବଚନ ପ୍ରଦାନ କରିଥିଲେ। ଗୀତାର ପଠନ, ଉପଲବ୍ଧି ଓ ଆଚରଣରେ ମନୁଷ୍ୟର ସମସ୍ତ ଆଧ୍ୟାତ୍ମିକ କଲ୍ୟାଣ ନିହିତ। ଏହି କାର୍ଯ୍ୟକ୍ରମରେ ସ୍ୱାମିଜୀ ଏବଂ ସମସ୍ତ ଗୀତାପ୍ରେମୀ ସହଯୋଗୀ ଉପସ୍ଥିତ ଥିଲେ। ରାତ୍ରରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଇନ୍ଦିପୁରରେ ଅକ୍ଷୟ ତୃତୀୟା ପାଳିତ

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରରେ ଶୁକ୍ରବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଅଜୟ କୁମାର ପୃଷ୍ଟି ନିଜ ପରିବାର ସହ ଏବଂ ଗ୍ରାମର ସଭାପତି ବିଭୂତି ଭୂଷଣ ନାୟକ, ଦିଲୀପ କୁମାର ମୁଦୁଲି, ରାଜ କିଶୋର ରାଉତ ଓ କବି କାମାକ୍ଷା ପ୍ରସାଦ ବେହେରା ବ୍ୟବସାୟ ଉଦ୍ଦେଶ୍ୟରେ ସ୍ଥାନିୟ ସାପ୍ତାହିକ ହାଟକୁ ଛଦେଶ ଅଞ୍ଚଳରୁ ପରିବା ବ୍ୟବସାୟ ପାଇଁ ଆସିଥିବା କୃଷିଜୀବୀମାନଙ୍କୁ ପୁଷ୍ପ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରିବା ସମ୍ବର୍ଦ୍ଧିତ କରିଥିଲେ। ଫଟୋ-୪-ଇନ୍ଦିପୁରରେ ପରିବା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



# ଯୋରନ୍ଦାରେ ରଥ ନିର୍ମାଣ ଶୁଭାରମ୍ଭ


ଯୋରନ୍ଦାରେ ରଥ ନିର୍ମାଣର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ଜିଲାର ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦାସ୍ଥିତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ଅକ୍ଷୟ ତୃତୀୟା ଅବସରରେ ଦଶତମ ରଥଯାତ୍ରା ପାଇଁ ରଥ ନିର୍ମାଣ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆଡିଣ୍ଡା ଗ୍ରାମ ସିଦ୍ଧ ରାମଚଣ୍ଡୀଙ୍କ ପୀଠରେ ବନଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ଜଙ୍ଗଲରୁ କାଠ ଅଣାଯାଇଥିଲା। ଅପରାହ୍ନ ୫ଟାରେ ମନ୍ଦିରରୁ ଶ୍ରୀଜୀଉମାନଙ୍କ ଆଜ୍ଞାମାଳ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ରୁଚିର ପାଳ, ଅଦ୍ୱୈତ ହୋତା, ଜିତୁ ଶତପଥୀ ପ୍ରମୁଖ ପୂଜାର୍ଚ୍ଚନା କରି ମନ୍ଦିରରୁ ପ୍ରଭୁଙ୍କ ମାଳ ଆଣି ରଥକାଠରେ ସ୍ଥାପନ କରିଥିଲେ। ବିଶ୍ୱକର୍ମା ନିରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ରଥ ନିର୍ମାଣର ଶୁଭାରମ୍ଭ ହୋଇଥିଲା। ରଥଯାତ୍ରା କମିଟି ଉପସଭାପତି ଶରତ କୁମାର ରାଉତ, ରଥ ନିର୍ମାଣ କମିଟି ମୁଖ୍ୟ ଶରତ କୁମାର ପ୍ରଧାନ, ରଥଯାତ୍ରା କମିଟି ସମ୍ପାଦକ ପ୍ରସନ୍ନ ରାଉତ, ଭୀମସେନ ନାୟକ, ଅରୁଣ କୁମାର ସାହୁ, ଚକ୍ରଧର ରାଉତ, ବିଜୟ କୁମାର ରାଉତ, ଶ୍ରୀବତ୍ସ ମହାନ୍ତି, ବ୍ରଜ କିଶୋର ରାଉତ, କମଳ ବେହେରା ଓ ଆନନ୍ଦଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

## ସୁନ୍ଦରୀଶୁଣୀ ଦେବୀଙ୍କ ମହାଚଣ୍ଡୀ ଯଜ୍ଞ ପୂର୍ଣ୍ଣାହୁତି

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ କଲେଜ ବାଇପାସସ୍ଥିତ ମା' ସୁନ୍ଦରୀଶୁଣୀ ଦେବୀଙ୍କ ମହାଚଣ୍ଡୀ ଯଜ୍ଞର ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ମହା ଆଡମ୍ବର ଓ ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳାଦି ପୂଜା, ଠାକୁରାଣୀଙ୍କ ଷୋଡଶୋପଚାର ପୂଜା, ବିଭିନ୍ନ ଭୋଗରାଗ ଲାଗି, ଚଣ୍ଡୀ ପାଠ ଆଦି ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି କରାଯାଇଥିଲା। ପୂଜକ ରାଜକିଶୋର ମିଶ୍ର ଓ ସହଯୋଗୀମାନେ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ରାଜେଶ ଦାସ, ବିଥିକା ଦାସ, ସଭାପତି ବୁଟୁ ପଟ୍ଟନାୟକ, ସମ୍ପାଦକ ଜଲୁ ନନ୍ଦ, କୋଷାଧ୍ୟକ୍ଷ ଝୁଲା ମହାନ୍ତି ଓ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ମହାଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା।


ସୁନ୍ଦରୀଶୁଣୀ ଦେବୀଙ୍କ ମହାଚଣ୍ଡୀ ଯଜ୍ଞ।

# ଅକ୍ଷୟ ତୃତୀୟା, କୃଷକ ଦିବସ


କୃଷି ବିଭାଗ ପକ୍ଷରୁ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ଜିଲା କୃଷି ବିଭାଗ ପକ୍ଷରୁ ସହରସ୍ଥିତ ଆଞ୍ଚଳିକ ତାଲିମ ପ୍ରତିଷ୍ଠାନ କୃଷି ଫାର୍ମ ଠାରେ ଶୁକ୍ରବାର ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମାଟି ମା'ର ପୂଜା କରାଯାଇ ବିହନ ଓ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହାପରେ ହଳକରି ନୂତନ ବର୍ଷର ଚାଷକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଷୟ ତୃତୀୟାର ଆଭିମୁଖ୍ୟ ଓ କୃଷି କାର୍ଯ୍ୟର ଉପକାରିତା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ।

## ମଦ ଜବତ, ଜଣେ ଗିରଫ

**ଭୁବନ,୧୦।୫(ବିପିନ ବିହାରୀ ସେଠୀ)**

ଭୁବନ ଥାନା ମହୁଲପାଳ ଅଞ୍ଚଳ ସାରଙ୍ଗପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୫୦୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସାରଙ୍ଗପୁର ଗ୍ରାମର କୃଷ୍ଣଚନ୍ଦ୍ର ଜେନା (୪୨)ଙ୍କୁ ଗିରଫ କରାଯାଇଛି। ଭୁବନ ଥାନା ଅଧିକାରୀ ମନୋସିନୀ ମହାପାତ୍ରଙ୍କ ନେତୃତ୍ୱରେ ଅଶୋକ କୁମାର ସାହୁ, ଏଏସ୍‌ଆଇ ପ୍ରଦୀପ କୁମାର ଭୂୟାଁ, ମାନସ ନାୟକ, ସୁଲୋଚନା ଘଡାଇ ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ଏ ସଂକ୍ରାନ୍ତରେ ନଂ. ୨୨୮/୨୪ ଏକ ମାମଲା ରୁଜୁ ହୋଇଛି।



# ରଥଗଡ଼ାରେ ରଥକାଠ ଅନୁକୂଳ


ଢେଙ୍କାନାଳ ରଥଗଡାଠାରେ ରଥକାଠ ଅନୁକୂଳ କରାଯାଉଛି।

**ଢେଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳରେ ରଥଯାତ୍ରା ପାଇଁ ଅକ୍ଷୟ ତୃତୀୟା ଅବସରରେ ରଥକାଠ ଅନୁକୂଳ ହୋଇଛି। ସକାଳେ ଶ୍ରୀବଳରାମଙ୍କ ମନ୍ଦିରରୁ ଦେବୋତ୍ତର ବିଭାଗ ପକ୍ଷରୁ ପୂଜାର୍ଚ୍ଚନା କରାଯାଇ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ରଥଗଡାଠାରେ ୨ଟି ରଥର ୪ଟି ଅଖ ପାଇଁ ରଥକାଠ ଅନୁକୂଳ କରାଯାଇଥିଲା। ଏହି ଅବସରରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଶ୍ୱକର୍ମା ଅଶୋକ କୁମାର ମହାପାତ୍ରଙ୍କ ସମେତ ପୂଜକମାନେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା ଆରମ୍ଭ ହେବ। ଅକ୍ଷୟ ତୃତୀୟାଠାରୁ ମଦନ ମୋହନଙ୍କ ଚାପଖେଳ ଆରମ୍ଭ ହୋଇଛି।

# ଜଗନ୍ନାଥପୁର ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

**କାମାକ୍ଷାନଗର,୧୦।୫(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଜଗନ୍ନାଥପୁର ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଆମ୍ବତୋଟାଠାରେ ଯୁବନେତା ଚନ୍ଦନ ବେହେରାଙ୍କ ସଭାପତିତ୍ୱରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ସଭାରେ ରାୟନୃସିଂହ ସରପଞ୍ଚ ଶିଶିରକାନ୍ତ ବେହେରା, ମହୁଲପାଳ ସମିତିସଭ୍ୟ ସୁଶାନ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଲଳିତ ସାହୁ, ଓକିଲ ପ୍ରବୋଧ ସାମଲ, ସନ୍ଦୀପ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକଲ୍ୟାଣ କାମରେ ପ୍ରଭାବିତ ହୋଇ ମାଣତ୍ରୀ ଗ୍ରାମର ଯୁବ ନେତା ଟିକୁନୁ ଦାଶ, ଅଜିତ ଦାଶ, ଇକୁନ ଦାଶ, ବିଘ୍ନେଶ ଦାସ, ସଚିନ ଭୂୟାଁ, ସମ୍ପଦ ରାଉତ, ବିକାଶ ମଲ୍ଲିକ, ସିଦ୍ଧାର୍ଥ ଦାସ, ସୁବ୍ରତ ରାଉତ, ଆକୁଳ ଦାସ, ଦେବାଶିଷ ମହାପାତ୍ର, ମାନସ ବାରିକି ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।



# ଆଡ଼ମ୍ବରରେ ପାଳନ ହେବ ରୌପ୍ୟଜୟନ୍ତୀ


ଶ୍ରୀଗୁଣ୍ଡିଚା ଭଜନ ସମାରୋହର ରୌପ୍ୟ ଜୟନ୍ତୀର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ପ୍ରସ୍ତୁତି ବୈଠକ**

**ଢଙ୍କାନାଳ,୧୦।୫(ରତନ ନାୟାର)**

ଢେଙ୍କାନାଳ ବାଜିଚୌକ ଠାରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ତରଫରୁ ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ଭାଗୀରଥି ସାଗରସ୍ଥିତ ମା'ସିଦ୍ଧ ବାସେଳୀ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରୁଦ୍ରାନ୍ତ କୁମାର ଦଳେଇ ୧୯୯୯ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ଭଜନ ସମାରୋହ ଚଳିତ ବର୍ଷ କିପରି ମହାଆଡମ୍ବରପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହିତ ରୌପ୍ୟ ଜୟନ୍ତୀ ପାଳନ କରିବ ସେ ବିଷୟରେ ଅବଗତ କରାଇଥିଲେ। ଓଲିଉଡ, ବଲିଉଡ୍ କଳାକାର ତଥା ସ୍ଥାନୀୟ କଳାକାରଙ୍କୁ ନେଇ କାର୍ଯ୍ୟକ୍ରମ ହେବ। ୨୫ ବର୍ଷର ସ୍ମରଣିକା ଉନ୍ମୋଚନ କରାଯିବ। କମିଟି ଉପଦେଷ୍ଟା ସଂଗ୍ରାମ କିଶୋର ପାଣି ୨୫ ବର୍ଷର ଇତିହାସ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ସମ୍ପାଦକ ସାଗିର ମହମ୍ମଦ ଜଗନ୍ନାଥ ତତ୍ତ୍ୱ ଓ ସଂସ୍କୃତି କିପରି ବଜାୟ ରହିବ ତାହା ଉପରେ ମତ ପ୍ରକାଶ କରିଥିଲେ। ବୈଠକରେ କମିଟିର ବରିଷ୍ଠ ଉପଦେଷ୍ଟା ଗଗନ ନନ୍ଦ, ଆବାହକ ସତ୍ୟନାରାୟଣ କର, ଉପସଭାପତି ସ୍ୱରୂପାନନ୍ଦ ଦାସ, ଉପଦେଷ୍ଟା ଆଇନଜୀବୀ ଗୋପାଳଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ସେଠୀ, ବଂଶୀଧର ସେଠୀ, ସନ୍ତୋଷ ଦଳେଇ, ବଳରାମ ଭାଙ୍ଗ, ଆଲୋକ ରଥ, ଶିଲୁ ପଟ୍ଟନାୟକ, ଅମିତ ସାହୁ, ନରେନ୍ଦ୍ର ବେହେରା, ଦିବ୍ୟସିଂହ ରାଉଳ, ପ୍ରଶାନ୍ତ ଜେନା, ନଜୁ ମହମ୍ମଦ, ଅକତାର ମହମ୍ମଦ, ରାଜୁନ ଖାନ, ଧନି ବେହେରା, ପ୍ରଭାତ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

**ଅର୍ଜୁନ ସାହୁ ଜିଲା ଭାଜପା ଉପସଭାପତି**

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ଯୁବ ସାମାଜିକ କର୍ମୀ ତଥା ଭାଜପା ନେତା ଅର୍ଜୁନ ସାହୁଙ୍କୁ ଜିଲା ଭାଜପା ଉପ ସଭାପତି ଦାୟିତ୍ୱ ଦିଆଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଙ୍ଗଠନର ମାନସ ମହାନ୍ତି ଓ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଆଠମଲ୍ଲିକ ଅଞ୍ଚଳର ଏହି ଯୁବନେତାଙ୍କୁ ଜିଲାର ନୂତନ ଉପ ସଭାପତି ଭାବେ ଘୋଷଣା କରିଛନ୍ତି।

# ଆବଶ୍ୟକ ଅଣ୍ଡରପାସ ନିର୍ମାଣ ହେଉ ନ ଥିବାରୁ ଅସନ୍ତୋଷ



## ବଇଣ୍ଡାରେ ବଜାର ବନ୍ଦ, ଅଞ୍ଚଳବାସୀଙ୍କ ବିକ୍ଷୋଭ

ବଇଣ୍ଡା,୧୦।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ନିର୍ମାଣ ହେଉଥିବା ଫ୍ଲାଏ ଓଭରବ୍ରିଜ୍‌ରେ ଆଉ ୩ଟି ଅଣ୍ଡରପାସ୍ ନିର୍ମାଣ କରାଯାଉ ନ ଥିବାରୁ ଏ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଶୁକ୍ରବାର ବଇଣ୍ଡା ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ଗ୍ରାମବାସୀ ଓ ସମସ୍ତ ବ୍ୟବସାୟୀ ମିଳିତ ଭାବେ ସକାଳ ୯ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବଜାର ବନ୍ଦ କରି ଆନ୍ଦୋଳନ କରିଥିଲେ। ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାଗୀରଥି ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ସୁନୀଲ ପ୍ରଧାନ, ଜିତେନ୍ଦ୍ର ବେହେରା, ବିନୀତ ସାହା, ଜଳଧର ସାହୁ, ଅରବିନ୍ଦ ସାହୁ, ଲକ୍ଷ୍ମୀଧର ବେହେରା, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ।

ଗ୍ରାମବାସୀ କହିଥିଲେ, ଜନଗହଳିପୂର୍ଣ୍ଣ ଅଞ୍ଚଳ ବଇଣ୍ଡାରେ ଦୁର୍ଘଟଣା ଏଡାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ହେଲେ ଏହି ବ୍ରିଜ ଯୋଗୁ ବଇଣ୍ଡା ବଜାରରେ ବ୍ୟବସାୟିକ କାରବାର ଉପରେ ପ୍ରଭାବ ପଡୁଥିବା ବେଳେ ଦେଢ଼ କିମି ଲମ୍ବ ଓଭର ବ୍ରିଜ୍‌ରେ ଆବଶ୍ୟକ ଅଣ୍ଡରପାସ ନିର୍ମାଣ କରାଯାଉନାହିଁ। ୩ଟି ଅଣ୍ଡରପାସ୍ ଥିବାବେଳେ ଆଉ ୩ଟି ନିର୍ମାଣ ପାଇଁ ଦାବି ହୋଇଆସୁଛି। ଏହା କରା ନ ଗଲେ ନିର୍ମାଣ ହେଉଥିବା ନୂତନ ବସଷ୍ଟାଣ୍ଡକୁ ବସ୍ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେବ। ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ। ନିର୍ମାଣ ହୋଇଥିବା ଫ୍ଲାଏ ଓଭର ବ୍ରିଜ ନିକଟର ଗୋଟିଏ ପାର୍ଶ୍ୱରେ କାମ ଚାଲିଥିବାବେଳେ ଅନ୍ୟପାର୍ଶ୍ୱରେ ଏହି ଅଣ୍ଡରପାସ ନିର୍ମାଣ ପାଇଁ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ଗତ ୩୦ ତାରିଖରେ ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୧ ତାରିଖରେ ପିଡି ବଇଣ୍ଡା ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଠିକାସଂସ୍ଥା ଅନ୍ୟ ପାର୍ଶ୍ୱରେ ରାସ୍ତା କାମ ଆରମ୍ଭ କରିଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ସେହିପରି ବଇଣ୍ଡାଠାରେ ଥିବା ଯାତ୍ରୀ ବିଶ୍ରାମାଗାର ଦୀର୍ଘ ୬ ବର୍ଷ ହେବ ଭଙ୍ଗାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ କରାଯାଇନାହିଁ। ବିଶେଷକରି ପ୍ରତ୍ୟେକ ଦିନ ନିର୍ମାଣ କାର୍ଯ୍ୟ ପାଇଁ ଅଣାଯାଇଥିବା କୋଇଲା ପାଉଁଶ ଉଡୁଥିବା ଯୋଗୁ ଅନେକ ବ୍ୟବସାୟୀ ସେମାନଙ୍କ ଦୋକାନ ଠିକ ଭାବରେ ଖୋଲିପାରୁ ନ ଥିବା ବେଳେ ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏପରି କି ଖୋଲା କୂଅରେ ପାଉଁଶ ପଡୁଥିବା ଯୋଗୁ ଲୋକେ ପାନୀୟ ଜଳ ବ୍ୟବହାର କରି ପାରୁନାହାନ୍ତି। ବହୁ ସମସ୍ୟା ଦେଇ ଅଞ୍ଚଳବାସୀ ଗତି କରୁଥିଲେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଆଗାମୀ ନିର୍ବାଚନକୁ ବର୍ଜନ କରିବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ସୀମା, ରୁଦ୍ରଙ୍କ ମାରାଥନ ପ୍ରଚାର

ଓଡ଼ାପଡ଼ା,୧୦।୫(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ୨ ନଂ. ଜୋନ୍‌ର ବିଭିନ୍ନ ସ୍ଥାନରେ ଶୁକ୍ରବାର ଭାଜପା ବିଧାୟିକା ପ୍ରାର୍ଥିନୀ ସୀମାରାଣୀ ନାୟକ ଓ ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ନାଧରାସ୍ଥିତ ମା’ ରାମଚଣ୍ଡୀ ପୀଠରେ ପହଞ୍ଚି ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଉଭୟେ ସମର୍ଥକଙ୍କ ଗହଣରେ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ବିଭିନ୍ନ ଗ୍ରାମକୁ ପଦଯାତ୍ରା କରି ଲୋକଙ୍କୁ ଭୋଟ ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ଏହି ପ୍ରଚାରରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁନୀଲ ଶର୍ମା, ସଂଯୋଜକ ପ୍ରଶାନ୍ତ ପ୍ରଧାନ, ସଂଯୋଜକ ସହଦେବ ପୃଷ୍ଟି, ଜିଲା ଉପସଭାପତି ଇତିଶ୍ରୀ ସାହୁ, ଦଳୀୟ ନେତା ମନୋଜ ମହାରଣା, ଶିବଶକ୍ତି ମହାନ୍ତି, ଲକ୍ଷ୍ମୀଧର ସାହୁ, ଚନ୍ଦ୍ରକାନ୍ତ ସାହୁ, ମଞ୍ଜୁଲତା ସାହୁ, ଜୟନ୍ତୀ ପ୍ରଧାନ, ପ୍ରଦୀପ ମହାନ୍ତି ଓ ନିର୍ମଳ ପ୍ରଧାନ ଯୋଗ ଦେଇଥିଲେ।



# ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଅନୁଗୋଳ,୧୦।୫(ଅମିତ କୁମାର ସାମଲ)

ଅନୁଗୋଳ ନିର୍ବାଚନମଣ୍ଡଳୀର ବଁଅରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ, ବନ୍ଧା, ତଳମୂଳ ଓ ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଁଅରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ବିପ୍ଳବ ଜେନା, ଅନୁଗୋଳ ଜିଲା ବିଜୁ ଜନତା ଦଳ ଉପ ସଭାପତି ବାଉରୀ ବନ୍ଧୁ ସାହୁ, ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସରୋଜ ନାରାୟଣ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ଉତ୍ସବ ଦେହୁରୀ, ପଞ୍ଚାୟତ ବିଜେଡି ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଏବଂ ଆଗାମୀ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ଭାଜପାର କେତେଜଣ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।



# ଘରକୁ ଘର ଯାଇ ମୁକେଶଙ୍କ ପ୍ରଚାର

ପାଲଲହଡା,୧୦।୫ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଶୁକ୍ରବାରଠାରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ କରିଛନ୍ତି। ସଦରମହକୁମା ସ୍ଥିତ ବଳଦେବଜୀଉ ମନ୍ଦିର ଏବଂ ପରେ ମା’ କୁଣ୍ଢେଇବୀରାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାରକୁ ଓହ୍ଲାଇଥିଲେ। ପାଲ ନିଜିଗଡ଼ ପଞ୍ଚାୟତର ପ୍ରତ୍ୟେକ ଘରକୁ ଘର ବୁଲି ଲୋକଙ୍କ ସହିତ ମିଶିବା ସହ ବିଜୁ ଜନତା ଦଳ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ନିର୍ବାଚନ ମଣ୍ଡଳୀର ସମସ୍ତ ୫ଟି ଜୋନ୍‌ରେ ପ୍ରଚାରକୁ ଜୋରଦାର କରାଯିବ ଏବଂ ନବୀନ ସରକାରଙ୍କ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଯିବ। ବିଜେଡିର ଘୋଷଣା ପତ୍ରକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରାଯାଉଛି ବୋଲି ପାଲ କହିଥିଲେ। ପରେ ଈଶ୍ୱରନଗର ପଞ୍ଚାୟତ ଗସ୍ତ କରି ଘରକୁ ଘର ବୁଲି ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜୋନ ସଂଯୋଜକ ନରେନ୍ଦ୍ର ଭୁକ୍ତାଙ୍କ ସମେତ ଦଳର ଶତାଧିକା କର୍ମୀ ଉପସ୍ଥିତ ଥିଲେ।



# ଗାଁ ବୁଲି ଭୋଟ ମାଗୁଛନ୍ତି ଅଶୋକ

ପାଲଲହଡା,୧୦।୫ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଶୁକ୍ରବାର ଡିମିରିଆ ପଞ୍ଚାୟତର ଡିମିରିଆ, ଚାନ୍ଦପଙ୍କ, ଦେଜିପଦା, ଦେବାହଳି, ରଞ୍ଜୀ, ଖଜୁରିଆ ସାହି, ପରବାଶୁଣି, ଝିମିରିପାଲି ଆଦି ଗ୍ରାମ ଗସ୍ତ କରି ପ୍ରଚାର କରିଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକୁ ଜନସାଧାରଣଙ୍କୁ ଜଣାଇବା ସହିତ ଲୋକଙ୍କୁ ଗ୍ରାମର ସମସ୍ୟା ବିଷୟରେ ପଚାରିଥିଲେ। ମୋଦିଙ୍କୁ କେନ୍ଦ୍ରରେ ତୃତୀୟ ବାର ପ୍ରଧାନମନ୍ତ୍ରୀ କରିବା ସହିତ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଦେବରାଜ ସାହୁ, ଧୀରେନ କୁମାର ପ୍ରଧାନ, ଛବିଲ ସାହୁ, କୁନା ବେହେରା, ଅରେନ ସେଠୀ, ସଦା ବେହେରା, ଦୟା ବେହେରା, ଧର୍ମେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ରଥ ନିର୍ମାଣ ପାଇଁ କାଠ ଅନୁକୂଳ

ଭୁବନ,୧୦।୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ତୃତୀୟ ଦେବ ଜୀଉ ଶ୍ରୀଜଗନ୍ନାଥ ମନ୍ଦିରରେ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ ପାଇଁ କାଠ ପୂଜା କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟ କରାଯାଇଥିଲା। ବିଶ୍ୱକର୍ମା ସମାଜର ସମସ୍ତ କାରିଗର ଓ ସେବାୟତମାନେ ଉପସ୍ଥିତ ଥିଲେ। ଦେବୋତ୍ତର ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ସମୟରେ ତିନି ରଥ ନିର୍ମାଣ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଘୋଷଯାତ୍ରା ପର୍ବ ମହା ଆଡ଼ମ୍ବରରେ ଯାତ୍ରା କରାଯାଇଥାଏ। ଯେଉଁଥିରେ ବିଶ୍ୱକର୍ମା ସମାଜ, କଂସାରୀ ସମାଜ, ସେବାୟତ, ଭକ୍ତ ଓ ସାଧାରଣ ଜନତା ସମ୍ପୂର୍ଣ୍ଣ ସହଯୋଗ କରୁଥିବାରୁ ସଭାପତି ଧନ୍ୟବାଦ ଅର୍ପଣ କରିଛନ୍ତି।



# ହଳ ଲଙ୍ଗଳ ନେଇ ସହର ପରିକ୍ରମା



ଭୁବନ,୧୦।୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ କୃଷକ ବିକାଶ ପରିଷଦ ଓ କୃଷକ ସମାଜ ପକ୍ଷରୁ ଶୁକ୍ରବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଭୁବନ କୃଷକ ବିକାଶ ପରିଷଦ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ହଳ ଲଙ୍ଗଳ ନେଇ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ସମସ୍ତ କୃଷକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାବା ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ପୂଜାର୍ଚ୍ଚନା କରାଯାଇ ଅଖୀମୁଠି ଅନୁକୂଳ କରି ଧାନୁଣା ଆରମ୍ଭ ହୋଇଥିଲା। ପରିଷଦ ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟି, ସମ୍ପାଦକ ରଥ ସେଠୀ, କୋଷାଧ୍ୟକ୍ଷ ପଣ୍ଡିତ ସାହୁ, ସହ ସମ୍ପାଦକ ବସନ୍ତ ରଣା, ବରିଷ୍ଠ କର୍ମକର୍ତ୍ତା ଯୁଧିଷ୍ଠିର ଦାସ, ଖଗେଶ୍ୱର ସାହୁ, ଦୁର୍ଗାପ୍ରସାଦ ପୃଷ୍ଟି ଓ ଚକ୍ରଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି କୃଷକସମାଜ ପକ୍ଷରୁ ଗାୟତ୍ରୀ ପାଲା ମଣ୍ଡପଠାରୁ ହଳ, ଟ୍ରାକ୍ଟର ନେଇ ସହର ପରିକ୍ରମା ପରେ ପ୍ରତ୍ୟେକ ବର୍ଷ ପରି ମା’ ହିଙ୍ଗୁଳା ପିଠ ନିକଟରେ ଅଖୀମୁଠି ଅନୁକୂଳ କରିଥିଲେ। ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

# କଠିନ ପରିଶ୍ରମ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ

ଖମାର,୧୦।୫, (ରଜନୀକାନ୍ତ ମହାରଣା)

ପାଲଲହଡା ନିର୍ବାଚନମଣ୍ଡଳୀ ଶଙ୍ଖପୁର ଆମ୍ବତୋଟାଠାରେ ଭାଜପାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ଥାନ ସରକାରଙ୍କ ଆଇନ ଓ ପର୍ଯ୍ୟାବରଣ ମନ୍ତ୍ରୀ ଜେ.ଆର. ପଟେଲ ଉପସ୍ଥିତ ରହି ବୁଥ୍ ସଭାପତି, ଶକ୍ତିକେନ୍ଦ୍ର ପ୍ରଭାରୀ, ପଞ୍ଚାୟତ ପ୍ରମୁଖଙ୍କ ସହ ଆଲୋଚନା କରି କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ବିଜୟର ସାଧନ ହେବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଉପସ୍ଥିତ ରହି ଶାସକ ଦଳର ଅତ୍ୟାଚାରରୁ ପାଲଲହଡା ବାସୀଙ୍କୁ ମୁକ୍ତି ଦେବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ପାଲଲହଡାରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ବିକଶିତ ପାଲଲହଡ଼ା ଗଢ଼ିବାକୁ ସଂକଳ୍ପ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜସ୍ଥାନର ରାଜ୍ୟ ସମ୍ପାଦକ ମିଥିଲେଶ ଗୌତମ ଯୋଗଦେଇ ସାଙ୍ଗଠନିକ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ଲୋକ ସଭା ବିସ୍ତାରକ ପ୍ରଦୀପ ସାହୁ, ବିଧାନସଭା ସଂଯୋଜକ ଚନ୍ଦନ ସ୍ୱରାଜ, ବରିଷ୍ଠ ନେତା ଲିଙ୍ଗରାଜ ଦାସ, ନୃସିଂହ ବରାଳ, ବସନ୍ତମଞ୍ଜରୀ ପ୍ରଧାନ, ଭରତ ସାହୁ, ଶ୍ୟାମ ସୁନ୍ଦର ସାହୁ, ଶଶୀ ଭୂଷଣ ଆଚାର୍ଯ୍ୟ, ପ୍ରହଲ୍ଲାଦ ସାମଲ, ପଞ୍ଚାନନ ସାହୁ, ତ୍ରିପୁରାରୀ ପ୍ରଧାନ, ହରେକୃଷ୍ଣ ପ୍ରଧାନ, କାର୍ତ୍ତିକ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସହିତ ଦଳର ୩୦୦ରୁ ଅଧିକ ପଦାଧିକାରୀ ଯୋଗ ଦେଇଥିଲେ।

# ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

କଣିହାଁ,୧୦।୫(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ବଜାର ନିକଟରେ ୧୦ ନଂ. ଜୋନ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆମ ଓଡିଶା ନବୀନ ଓଡିଶା ଜିଲା ସଂଯୋଜକ ତଥା କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଲଲହଡା ନିର୍ବାଚନ ମଣ୍ଡଳୀର ୫ ଟି ଜୋନର ପ୍ରଚାର ଗାଡି ଶୁଭାରମ୍ଭ ହୋଇଯାଇଛି। ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲ ଓ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କ ପାଇଁ ପ୍ରଚାର ପ୍ରସାର ଜୋରଦାର ହେବ ବୋଲି ବ୍ଲକ ସଭାପତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପରାବିଲ ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, ବୁରୁକୁନା ସଭାପତି ଯୁଗଳ କିଶୋର ସାହୁ, କର୍ଣ୍ଣପାଳ କାର୍ଯ୍ୟକାରୀ ସଭାପତି ଗୋକୁଳ ପ୍ରଧାନ, ଗଣ୍ଡମାଳା କାର୍ଯ୍ୟକାରୀ ସଭାପତି ଗିରିଶ ସାହୁ, ଶୁଶୁବା ସଭାପତି କୃପାସିନ୍ଧୁ ସାହୁ, ଜିଲା ସମ୍ପାଦକ ଝସକେତନ ପ୍ରଧାନ, ବିରଞ୍ଚି ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## ହେଲ୍ପ ଡେସ୍କ କର୍ମଚାରୀଙ୍କୁ ମାଡ଼

ଅନୁଗୋଳ,୧୦।୫ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଉତ୍ତେଜନା ଦେଖିବାକୁ ମିଳିଛି। ରୋଗୀଙ୍କ ସମ୍ପର୍କୀୟଙ୍କ ମାଡ଼ରେ ହେଲ୍ପଡେସ୍କ କର୍ମଚାରୀ ଘାଇଲା ହୋଇଛନ୍ତି। ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜଣେ ରୋଗୀ ଗୁରୁତର ଅବସ୍ଥାରେ ଆସିଥିଲେ। ପରେ ସମ୍ପୃକ୍ତ ରୋଗୀଙ୍କୁ ଅନ୍ୟତ୍ର ନେବାକୁ ପରିବାର ଲୋକେ ବ୍ୟବସ୍ଥା କରୁଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ଥିବା ହେଲ୍ପ ଡେସ୍କ କର୍ମଚାରୀ ବାରଣ କରିଥିଲେ। ତେବେ ରୋଗୀଙ୍କ ସମ୍ପର୍କୀୟ ଜିଦରେ ଅଟଳ ଥିବାବେଳେ ହେଲ୍ପ ଡେସ୍କ କର୍ମଚାରୀ ଡାକ୍ତରଙ୍କ ବିନା ଅନୁମତିରେ ଛଡାଯିବନାହିଁ ବୋଲି କହିଥିଲେ। ଏହାପରେ ରୋଗୀଙ୍କ ସମ୍ପର୍କୀୟମାନେ ଆସି ହେଲ୍ପଡେସ୍କ କର୍ମଚାରୀଙ୍କୁ ନିସ୍ତୁକ ମାଡ ମାରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବା ପରେ ଏହାର ଅନୁଧ୍ୟାନ କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଶୈଳଶ୍ରୀକ୍ଷେତ୍ରରେ ରଥ କାଠ ଅନୁକୂଳ

ଅନୁଗୋଳ,୧୦।୫ (ଅମିତ କୁମାର ସାମଲ)

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରଠାରେ ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ରଥକାଠ ଅନୁକଳ କରାଯାଇଛି। ଜୁଲାଇ ୭ ତାରିଖରେ ହେବାକୁ ଥିବା ରଥଯାତ୍ରା ନିମନ୍ତେ ରଥ କାଠ ସଂଗ୍ରହ ଆରମ୍ଭ ହୋଇଯାଇଛି। ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଯଜ୍ଞ ପୀଠଠାରେ ସକାଳ ସାଢ଼େ ୯ଟାରୁ ପୂଜାର୍ଚ୍ଚନା କରାଯାଇ ହୋମଯଜ୍ଞ କରାଯାଇଥିଲା। ଏହାପରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ ପୂର୍ବାହ୍ନ ୧୧ଟା ୧୫ରେ ପହଞ୍ଚିବାବେଳେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପରେ ୩ ରଥର କାରିଗରଙ୍କୁ ଅତିରିକ୍ତ ଜିଲାପାଳ ରଥ ନିର୍ମାଣ ପାଇଁ ଦାୟିତ୍ୱ ଅର୍ପଣ କରିଥିଲେ। ତାଳଧ୍ୱଜ(ବଳଭଦ୍ର) ରଥ ନିର୍ମାଣ ସହିତ ପ୍ରଭୁ ଜଗନ୍ନାଥ ରଥ ଓ ଦେବୀ ସୁଭଦ୍ରାଙ୍କ ରଥ ନିର୍ମାଣ ଦାୟିତ୍ୱ ଆନୁଷ୍ଠାନିକ ଭାବେ କାରିଗରଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ମନ୍ଦିରରେ ହୋଇଥିବା ହୋମଯଜ୍ଞରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ପରମାନନ୍ଦ ମିଶ୍ର ଏବଂ ଯୁଗ୍ମ ସମ୍ପାଦକ ଆନନ୍ଦ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ଉପସଭାପତି ଭବାନୀ ମିଶ୍ର, ଜଗଦୀଶ ସରଳିଆ, କମଲ ଅଗ୍ରୱାଲ, ପହଣ୍ଡି ସେବକ, ଦଇତା ସେବକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ରଥ ନିର୍ମାଣର ଦାୟିତ୍ୱ ସପ୍ତଶ୍ରୀ ଦାସଙ୍କୁ ପ୍ରଦାନ କରାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



